# ମେସର୍ସ ମେଣ୍ଟା ଏବଂ ଆଲାଇଡ୍ ପ୍ରଡକ୍ଟସ୍ ଲିମିଟେଡ୍

ବନାମ

କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଆୟୁକ୍ତ, ମିରଟ

ମେ 5, 2004

[ମୁଖ୍ୟ ନ୍ୟାୟଧୀଶ, ରାଜେନ୍ଦ୍ର ବାବୁ ଏବଂ ନ୍ୟାୟମୂର୍ତ୍ତି, ଜି.ପି ମାଥୁର]

*କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମ, 1944 :*

*ଧାରା 11-A - 'ବହୁଳ ପରିମାଣର ଔଷଧ' - ମେନ୍ଥଲ ଆଇପି - ଟୁଥପେଷ୍ଟ, ପାଉଡର ଏବଂ ଶେଭିଂ କ୍ରିମ ଉତ୍ପାଦନରେ ବ୍ୟବହାର ପାଇଁ ନିର୍ମିତ - 'ବହୁଳ ପରିମାଣର ଔଷଧ' ଶୀର୍ଷକ ଅଧୀନରେ କରଦାତାଙ୍କ ଦ୍ୱାରା ବର୍ଗୀକୃତ - କରଦାତାଙ୍କ ଦ୍ୱାରା ଅନୁମୋଦିତ ମେନ୍ଥଲ, ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଅଧିନିୟମ, 1940 ଅନୁଯାୟୀ ପ୍ରଦାନ କରାଯାଇଥିବା କୌଣସି ଫର୍ମୁଲେସନରେ ଏପରି କିମ୍ବା ଏକ ଉପାଦାନ ଭାବରେ ବ୍ୟବହୃତ ହୁଏ ନାହିଁ ବୋଲି ନିର୍ଣ୍ଣୟ କରାଗଲା - କରଦାତା ତା 1.3.1988 ରିଖର ଅବ୍ୟାହତି ଅଧିସୂଚନା ସଂଖ୍ୟା 31/88-CE ର ସୁବିଧା ପାଇବାକୁ ହକଦାର ନୁହଁନ୍ତି - ତେବେ, ଧାରା 11-A ଆହ୍ୱାନ କରି ଜୋରିମାନା ଆଦାୟ ପାଇଁ ବର୍ଦ୍ଧିତ ସମୟସୀମା ଲାଗୁ କରିବା ଯଥାର୍ଥ ନୁହେଁ - ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଅଧିନିୟମ, 1940 - ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଆଦେଶ, 1987 - କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମ, 1985 ।*

*ଶବ୍ଦ ଏବଂ ବାକ୍ୟାଂଶ :*

*ତା 1.3.1988 ରିଖର ଅଧିସୂଚନା ସଂଖ୍ୟା 31/88-CE ରେ ଦେଖାଯାଉଥିବା ପଦାବଳୀ 'ବହୁଳ ପରିମାଣର ଔଷଧ' - ଏହାର ଅର୍ଥ ।*

*'ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଆଦେଶ 1987 ରେ ଦେଖାଯାଉଥିବା 'ଫର୍ମୁଲେସନ' - ର ଅର୍ଥ ।*

**କରଦାତା-କମ୍ପାନୀ ଅନ୍ୟାନ୍ୟ ବିଷୟ ମଧ୍ୟରେ ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଅଧିନିୟମ, 1940 ଅନୁଯାୟୀ ମଞ୍ଜୁର ହୋଇଥିବା ଅନୁଜ୍ଞାପ୍ତିପତ୍ର ଅନୁଯାୟୀ ମେନ୍ଥଲ ଆଇପି ର ଉତ୍ପାଦନରେ ନିୟୋଜିତ ଥିଲା । ଏହା ଉତ୍ପାଦକୁ ତା 1.3.1988 ରିଖର ଅବ୍ୟାହତି ଅଧିସୂଚନା ସଂଖ୍ୟା 31/88-CE ର ଲାଭ ଉଠାଇବାକୁ ମଞ୍ଜୁରୀ ପ୍ରଦାନ କରି 'ବହୁଳ ପରିମାଣର ଔଷଧ' ଶୀର୍ଷକ ଅଧୀନରେ ବର୍ଗୀକୃତ କରିଥିଲା । ପରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସଂଗ୍ରାହକ (କଲେକ୍ଟର) ଉକ୍ତ ଅଧିସୂଚନା ଅନୁଯାୟୀ ଏହି ସୁବିଧାର ଭୁଲ୍ ଭାବରେ ଲାଭ ଉଠାଇଛନ୍ତି ବୋଲି କରଦାତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ । ପରିଶେଷରେ କରଦାତାଙ୍କୁ ଉତ୍ପାଦ ଶୁଳ୍କର ଭିନ୍ନ ଭିନ୍ନ ଶୁଳ୍କ ଏବଂ ଜୋରିମାନା ମଧ୍ୟ ଦେବାକୁ କୁହାଯାଇଥିଲା । ସୀମାଶୁଳ୍କ, ଉତ୍ପାଦ ଶୁଳ୍କ ଏବଂ ସୁନା (ନିୟନ୍ତ୍ରଣ) ଅପିଲୀୟ ନ୍ୟାୟାଧିକରଣଙ୍କ ଦ୍ୱାରା କରଦାତାଙ୍କ ଅପିଲକୁ ଖାରଜ କରିଦିଆଯାଇଥିଲା, ଯେଉଁଥିରେ କୁହାଯାଇଥିଲା ଯେ କରଦାତାଙ୍କ ଦ୍ୱାରା ଅନୁମୋଦିତ ମେନ୍ଥୋଲ୍, ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଅଧିନିୟମ, 1940 ଅନୁଯାୟୀ**

ପ୍ରଦାନ କରାଯାଇଥିବା କୌଣସି ଫର୍ମୁଲେସନରେ ଏପରି କିମ୍ବା ଏକ ଉପାଦାନ ଭାବରେ ବ୍ୟବହୃତ ହୋଇନଥିଲା ଏବଂ ସେଥିପାଇଁ, କରଦାତା ଅଧିସୂଚନା ସଂଖ୍ୟା 31/88 ର ଲାଭ ପାଇବାକୁ ହକଦାର ନୁହଁନ୍ତି ।

କରଦାତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅପିଲରେ ଏହା ଯୁକ୍ତି କରାଯାଇଥିଲା ଯେ ଉତ୍ପାଦର ଅନ୍ତିମ ବ୍ୟବହାର ନିର୍ଦ୍ଧାରଣ କରିବାର ପ୍ରଶ୍ନ ଅପ୍ରାସଙ୍ଗିକ ଥିଲା ।

ଆଂଶିକ ଭାବରେ ଅପିଲକୁ ମଞ୍ଜୁର ଦେଇ ନ୍ୟାୟାଳୟ

ନିର୍ଣ୍ଣୟ କଲେ : 1. ତା 1.3.1988 ରିଖର ଅଧିସୂଚନା ସଂଖ୍ୟା 31/88-CE ରେ ଥିବା ସାରଣୀ ପରେ ଥିବା ବ୍ୟାଖ୍ୟାକୁ ଦୃଷ୍ଟିରେ ରଖି, 'ବହୁଳ ପରିମାଣର ଔଷଧ' ପଦାବଳୀଟି ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଆଦେଶ, 1987 ରେ ଦିଆଯାଇଥିବା ସମାନ ଅର୍ଥ ରହିବ । ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଆଦେଶ, 1987 ଅନୁଯାୟୀ ଏହି ପଦାର୍ଥକୁ ଏହିପରି କିମ୍ବା କୌଣସି ଫର୍ମୁଲେସନରେ ଏକ ଉପାଦାନ ଭାବରେ ବ୍ୟବହାର କରିବାକୁ ପଡିବ । ଆହୁରି ମଧ୍ୟ, "ଫର୍ମୁଲେସନ" ପଦାବଳୀଟି କେବଳ ବହୁଳ ପରିମାଣର ଔଷଧରୁ ପ୍ରକ୍ରିୟାକୃତ ଔଷଧ ବିଷୟରେ ଉଲ୍ଲେଖ କରିଥାଏ । ତେଣୁ, ଯେତେବେଳେ ଅପିଲକାରୀ ଟୁଥ୍ ପେଷ୍ଟ, ପାଉଡର ଏବଂ ଶେଭିଂ କ୍ରିମ ଉତ୍ପାଦନରେ ବ୍ୟବହାର କରୁଥିବା ମେନ୍ଥଲ ଆଇ.ପି.ର ଉପାଦାନ ଏକ କିମ୍ବା ଏକାଧିକ ବହୁଳ ପରିମାଣର ଔଷଧରୁ ପ୍ରକ୍ରିୟାକୃତ କିମ୍ବା ଏଥିରେ ଥିବା ଔଷଧର କୌଣସି ଫର୍ମୁଲେସନରେ ବ୍ୟବହାର କରାଯାଇ ନଥାଏ, ସେତେବେଳେ ନ୍ୟାୟାଧିକରଣଙ୍କ ଦ୍ୱାରା ନିଆଯାଇଥିବା ମତକୁ ବିରୋଧ କରାଯାଇପାରିବ ନାହିଁ ।

*ଭାରତ ସଂଘ ବନାମ ସିଟ୍ରିକ୍ ଇଣ୍ଡିଆ ଲିମିଟେଡ୍,* (2002) 146 ELT SC; *କ୍ୟାଲିବର କେମିକାଲ୍ସ ବନାମ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଆୟୁକ୍ତ, ସୁରଟ,* (1998) 98 ELT 755, ପ୍ରଭେଦ ଦେଖାଯାଇଛି ।

2. ଜୋରିମାନା ଆଦାୟ ଉଦ୍ଦେଶ୍ୟରେ ଧାରା 11-A ର ପ୍ରୟୋଗ ସମ୍ବନ୍ଧରେ, ଏହି ପରିସ୍ଥିତିରେ ଧାରା 11-A ର ଆହ୍ୱାନ ଆବଶ୍ୟକ ନୁହେଁ । ବର୍ତ୍ତମାନ ମାମଲାରେ ଜରିମାନା ଲାଗୁ କରିବା ଉଚିତ ହେବ ନାହିଁ ଏବଂ ବର୍ଦ୍ଧିତ ସମୟସୀମା ପ୍ରୟୋଗ କରିବା ଯଥାର୍ଥ ନୁହେଁ ।

*ସିଟ୍ରିକ୍ ଇଣ୍ଡିଆ ଲିମିଟେଡ୍ ବନାମ ଭାରତ ସଂଘ* (1993) 66 ELT 566 Bom, ଉଲ୍ଲେଖ କରାଯାଇଛି ।

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 922/1998 ।

ଏ. ସଂଖ୍ୟା E/4748/1992-C ରେ ଥିବା ଏଫ୍.ଓ. ସଂଖ୍ୟା 560/97-C ରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ, ସୀମା ଶୁଳ୍କ ଏବଂ ସୁନା (ନିୟନ୍ତ୍ରଣ) ଅପିଲୀୟ ନ୍ୟାୟାଧିକରଣ, ନୂଆଦିଲ୍ଲୀର ତା 4.11.97 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଯୋଶେଫ୍ ଭେଲ୍ଲାପଲ୍ଲୀ, ଥୋମାସ୍ ଭେଲ୍ଲାପଲ୍ଲୀ ଏବଂ କେ.ଭି. ମୋହନ ।

## ମେଣ୍ଟା ଏବଂ ଆଲାଇଡ୍ ପ୍ରଡକ୍ଟସ୍ ଲିମିଟେଡ୍ ବନାମ ସି.ସି.ଇ. [ମୁଖ୍ୟ ନ୍ୟାୟଧୀଶ, ରାଜେନ୍ଦ୍ର ବାବୁ]

ଉତ୍ତରଦାତାଙ୍କ ପାଇଁ ସଞ୍ଜୀବ ସେନ ଏବଂ ବି. କ୍ରିଷ୍ଣା ପ୍ରସାଦ ।

**ମୁଖ୍ୟ ନ୍ୟାୟଧୀଶ, ରାଜେନ୍ଦ୍ର ବାବୁଙ୍କ** ଦ୍ଵାରା ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା :

ଆମ ସମ୍ମୁଖରେ ଅପିଲକାରୀ ହେଉଛନ୍ତି ମେନ୍ଥଲ ଆଇ.ପି., ମେନ୍ଥଲ ବି.ପି., ମେନ୍ଥଲ ୟୁ.ଏସ୍.ପି. ଏବଂ ମେନ୍ଥା ଅଏଲ ଆଇ.ପି. ଉତ୍ପାଦନରେ ନିୟୋଜିତ ଏକ କମ୍ପାନୀ । ଅପିଲକାରୀ ଔଷଧ ଏବଂ ପ୍ରସାଧନ ଅଧିନିୟମ, 1940 ଅନୁଯାୟୀ ଗଠିତ ଔଷଧ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ଦ୍ଵାରା ମଞ୍ଜୁର ହୋଇଥିବା ଅନୁଜ୍ଞପ୍ତି ଅନୁଯାୟୀ ଏହାର କାର୍ଯ୍ୟକଳାପ ଚଳାଇଥିଲେ । ଏହି ଅନୁଜ୍ଞପ୍ତି ଅପିଲକାରୀଙ୍କୁ ମେନ୍ଥଲ ଆଇ.ପି., ମେନ୍ଥଲ ବି.ପି., ମେନ୍ଥଲ ୟୁ.ଏସ.ପି. ଏବଂ ମେନ୍ଥା ଅଏଲ ଆଇ.ପି. ଉତ୍ପାଦନ କରିବାରେ ସକ୍ଷମ କରିଥିଲା ।

ତା 1.3.1988 ରିଖରେ ବିଭାଗ ଦ୍ଵାରା ଏକ ଅଧିସୂଚନା ସଂଖ୍ୟା 31/88-CE ଜାରି କରାଯାଇଥିଲା ଯାହା ନିମ୍ନଲିଖିତ ଭାବରେ ଲେଖାଯାଇଛି :-

"କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ନିୟମ, 1944 ର ନିୟମ 8 ର ଉପନିୟମ (1) ଦ୍ଵାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି, କେନ୍ଦ୍ର ସରକାର,  କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଅଧିନିୟମ, 1985 (5/1985) ର ଅନୁସୂଚୀର ଅଧ୍ୟାୟ 28, 29 କିମ୍ବା 30 ଅଧୀନରେ ଆସୁଥିବା ଏବଂ ସଂଲଗ୍ନ ହୋଇଥିବା ସାରଣୀର ସ୍ତମ୍ଭ (2) ରେ ନିର୍ଦ୍ଦିଷ୍ଟ ହୋଇଥିବା ବର୍ଣ୍ଣନାର ସାମଗ୍ରୀକୁ ଉକ୍ତ ଅନୁସୂଚୀ ଅଧୀନରେ ଆଦାୟଯୋଗ୍ୟ ଉତ୍ପାଦ ଶୁଳ୍କରୁ ମୁକ୍ତ କରିବେ, ଯାହା ଉକ୍ତ ସାରଣୀର ସ୍ତମ୍ଭ (3) ରେ ଅନୁରୂପ ତାଲିକାରେ ନିର୍ଦ୍ଦିଷ୍ଟ ହାରରେ ଗଣନା କରାଯାଇଥିବା ପରିମାଣରୁ ଅଧିକ ।

**ସାରଣୀ**

| କ୍ରମାଙ୍କ | ଦ୍ରବ୍ୟର ବର୍ଣ୍ଣନା | ଶୁଳ୍କ ହାର |
|---|---|---|
| 1 | ସମୟ ସମୟରେ ସଂଶୋଧିତ ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଆଦେଶ, 1987 ର ପ୍ରଥମ ଅନୁସୂଚୀ ଅନୁଯାୟୀ ନିର୍ଦ୍ଦିଷ୍ଟ ବହୁଳ ପରିମାଣର ଔଷଧ (ଲବଣ, ଇଷ୍ଟର ଏବଂ ଡେରିଭେଟିଭସ୍, ଯଦି ଥାଏ) | କିଛି ନାହିଁ |
| 2 | ଅନ୍ୟାନ୍ୟ ବହୁଳ ପରିମାଣର ଔଷଧ | ମୂଲ୍ୟାନୁଯାୟୀ 5% |
| 3 | ଔଷଧୀୟ ଶ୍ରେଣୀର ଅମ୍ଳଜାନ | କିଛି ନାହିଁ |
| 4 | ଔଷଧୀୟ ଶ୍ରେଣୀର ହାଇଡ୍ରୋକ୍ସଜେନ ପେରୋକ୍ସାଇଡ୍ | କିଛି ନାହିଁ |
| 5 | ନିଶ୍ଚେତକ | କିଛି ନାହିଁ |

*ବ୍ୟାଖ୍ୟା* - ଏହି ଅଧିସୂଚନାରେ, "ବହୁଳ ପରିମାଣର ଔଷଧ" ପଦାବଳୀଟି ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଆଦେଶ, 1987ରେ ଦିଆଯାଇଥିବା ଅର୍ଥ ସହିତ ସମାନ ହେବ ।

ଏହି ଅଧିସୂଚନାରେ ବ୍ୟବସ୍ଥା ରହିଛି ଯେ ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଆଦେଶ, 1987 ରେ "ବହୁଳ ପରିମାଣର ଔଷଧ" ପଦାବଳୀଟିର ସମାନ ଅର୍ଥ ରହିବ । ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଆଦେଶ, 1987 'ବହୁଳ ପରିମାଣର ଔଷଧ' କୁ ନିମ୍ନଲିଖିତ ଭାବରେ ପରିଭାଷିତ କରେ :-

> "ବହୁଳ ପରିମାଣର ଔଷଧ" ଅର୍ଥ ଔଷଧ ଏବଂ ପ୍ରସାଧନ ଅଧିନିୟମ, 1940 (23/1940) ଅନୁଯାୟୀ ସ୍ୱୀକୃତିପ୍ରାପ୍ତ ଫାର୍ମାକୋପିୟଲ କିମ୍ବା ଅନ୍ୟାନ୍ୟ ମାନଦଣ୍ଡ ଅନୁଯାୟୀ ଔଷଧୀୟ, ରାସାୟନିକ, ଜୈବିକ କିମ୍ବା ଉଦ୍ଭିଦଜାତ ଦ୍ରବ୍ୟ କିମ୍ବା ଔଷଧୀୟ ଗ୍ୟାସ ସମେତ ଯେକୌଣସି ପଦାର୍ଥ ଯାହା ଏହିପରି ଭାବରେ କିମ୍ବା କୌଣସି ଫର୍ମୁଲେସନରେ ଏକ ଉପାଦାନ ଭାବରେ ବ୍ୟବହୃତ ହୁଏ ।"

ଅପିଲକାରୀ ଦାବି କରିଥିଲେ ଯେ ସେ ଉପରୋକ୍ତ ଅଧିସୂଚନା ଏବଂ ଦାଖଲ କରାଯାଇଥିବା ବର୍ଗୀକରଣ ତାଲିକାରେ ଦର୍ଶାଯାଇଥିବା "*ବହୁଳ ପରିମାଣର ଔଷଧ*" ପଦାବଳୀ ଅଧୀନରେ ଆସୁଥିବା ମେନ୍ଥୋଲ ଉତ୍ପାଦନ ଏବଂ ଯୋଗାଣ କରିଆସୁଛନ୍ତି । ଏଥିସହିତ ଉପଯୁକ୍ତ ଫର୍ମରେ ଲାଭକ୍ଷତିର ବିବରଣୀ ମଧ୍ୟ ଦାଖଲ କରାଯାଇଥିଲା ଏବଂ ସାମଗ୍ରୀଗୁଡ଼ିକ ମଧ୍ୟ ବିକ୍ରି କରାଯାଇଥିଲା । ଅପିଲକାରୀ ତା 27.6.1990 ରିଖ ପର୍ଯ୍ୟନ୍ତ ଏହି ଅବ୍ୟାହତିର ଲାଭ ଉଠାଉଥିଲେ । ତା 27.6.1990 ରିଖରେ ରାମପୁରର କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ସହାୟକ କଲେକ୍ଟର ପ୍ରସ୍ତାବ ଦେଇଥିଲେ ଯେ ପୂର୍ବରୁ ସୂଚିତ ଅବ୍ୟାହତିର ଲାଭ ନନେଇ ଅପିଲକାରୀ ଉତ୍ପାଦ ଶୁଳ୍କ ପୈଠ କରିବେ ଏବଂ ଜୋରିମାନା ଲାଗୁ କରିବାକୁ ପ୍ରସ୍ତାବ ଦେଇ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ । ଅପିଲକାରୀଙ୍କ ଦ୍ୱାରା ଆପତ୍ତି ଉଠାଯାଇଥିଲା ଯେ ସହକାରୀ କଲେକ୍ଟର ଗତ ଛଅ ମାସରୁ ଅଧିକ ସମୟ ପାଇଁ ଉତ୍ପାଦ ଶୁଳ୍କ ଦାବି କରି କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ସକ୍ଷମ ନୁହନ୍ତି । ଏହା ପରେ, ମିରଟର କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ କଲେକ୍ଟର ଏକ କାରଣ ଦର୍ଶାଅ ନୋଟିସ ଜାରି କରି ଅଭିଯୋଗ କରିଥିଲେ ଯେ ଅପିଲକାରୀ ଏପ୍ରିଲ୍ 1984 ରୁ ଡିସେମ୍ବର 1984 ଏବଂ ଜାନୁଆରୀ 1990 ରୁ 5 ଏପ୍ରିଲ 1990 ମଧ୍ୟରେ ତା 1.3.1984 ରିଖର ଅଧିସୂଚନା ସଂଖ୍ୟା 31/84 ର ଲାଭ ଭୁଲ ଭାବରେ ଉଠାଇଛନ୍ତି । ଅପିଲକାରୀଙ୍କୁ ଶୁଣିବା ପରେ ଏବଂ କାରଣ ଦର୍ଶାଅ ନୋଟିସରେ ଅପିଲକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉତ୍ତରକୁ ଯାଞ୍ଚ କରିବା ପରେ, କଲେକ୍ଟର ଶେଷରେ ନିଷ୍ପତ୍ତି ନେଇଥିଲେ ଯେ ଅପିଲକାରୀ ଉତ୍ପାଦ ଶୁଳ୍କର ଭିନ୍ନ ଦାବି ଦେବାକୁ ଦାୟୀ ଏବଂ 2 ଲକ୍ଷ ଟଙ୍କା ଜରିମାନା ମଧ୍ୟ ଲାଗୁ କରିଥିଲେ ।

ଏହି ମାମଲାଟି ସୀମା ଶୁଳ୍କ, ଉତ୍ପାଦ ଶୁଳ୍କ ଏବଂ ସୁନା (ନିୟନ୍ତ୍ରଣ) ଅପିଲୀୟ ନ୍ୟାୟାଧିକରଣ (ଏହା ପରେ ନ୍ୟାୟାଧିକରଣ ଭାବରେ ସୂଚିତ) କୁ ଅପିଲରେ ନିଆଯାଇଥିଲା ଯାହା ଏହି ଆଧାରରେ ଅପିଲକୁ ଖାରଜ କରିଦେଇଥିଲା ଯେ ଅପିଲକାରୀ ଦ୍ୱାରା ବିକ୍ରି ହୋଇଥିବା ମେନ୍ଥୋଲ୍, ଔଷଧ ଏବଂ ପ୍ରସାଧନ ଅଧିନିୟମ, 1940 ଅନୁଯାୟୀ ପ୍ରଦାନ କରାଯାଇଥିବା କୌଣସି ଫର୍ମୁଲେସନରେ ଏକ ଉପାଦାନ ଭାବରେ ବ୍ୟବହୃତ ହୋଇ ନାହିଁ ଏବଂ ସେଥିପାଇଁ ଅପିଲକାରୀ ତା 1.3.1984 ରିଖର ଅଧିସୂଚନା ସଂଖ୍ୟା 31/84-CE ର ଲାଭ ପାଇଁ ହକଦାର ନଥିଲେ ।

**ମେଣ୍ଟା ଏବଂ ଆଲାଇଡ୍ ପ୍ରଡକ୍ଟସ୍ ଲିମିଟେଡ୍ ବନାମ ସି.ସି.ଇ. [ମୁଖ୍ୟ ନ୍ୟାୟଧୀଶ, ରାଜେନ୍ଦ୍ର ବାବୁ]**

ଯେଉଁ ଆଧାରରେ ନ୍ୟାୟାଧିକରଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ତାହା ହେଉଛି "*ବହୁଳ ପରିମାଣର ଔଷଧ*" ର ସଂଜ୍ଞା ଅନୁଯାୟୀ, ସଂଜ୍ଞାରେ ଉଲ୍ଲିଖିତ ପଦାର୍ଥକୁ ଏହିପରି ଭାବରେ କିମ୍ବା କୌଣସି ସୂତ୍ରରେ ଏକ ଉପାଦାନ ଭାବରେ ବ୍ୟବହାର କରାଯିବା ଆବଶ୍ୟକ ଏବଂ "*ଫର୍ମୁଲେସନ*" ପଦାବଳୀର ଅର୍ଥ ହେଉଛି ଏକ କିମ୍ବା ଅଧିକ ବହୁଳ ପରିମାଣର ଔଷଧ ଥିବା କିମ୍ବା ପ୍ରକ୍ରିୟାକୃତ ଔଷଧ । ତେଣୁ, ନ୍ୟାୟାଧିକରଣ ଏହି ମତ ପୋଷଣ କରିଥିଲେ ଯେ ଅପିଲକାରୀଙ୍କ ଦ୍ୱାରା ଅନୁମୋଦିତ ମେନ୍ଥଲ୍ ଆଇ.ପି. ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଆଦେଶ, 1987 ଅନୁଯାୟୀ ଉଲ୍ଲେଖିତ କୌଣସି ଫର୍ମୁଲେସନରେ ଏପରି ଭାବରେ କିମ୍ବା ଏକ ଉପାଦାନ ଭାବରେ ବ୍ୟବହାର କରାଯାଉନାହିଁ ଏବଂ ସେଥିପାଇଁ ଅପିଲକାରୀ ତା 1.3.1988 ରିଖର ଅଧିସୂଚନା ସଂଖ୍ୟା 31/88-CE ର ଲାଭ ପାଇବା ପାଇଁ ହକଦାର ନଥିଲେ ।

ଆମ ସମ୍ମୁଖରେ ଅପିଲକାରୀଙ୍କ ତରଫରୁ ଏହା ଅନୁରୋଧ କରାଯାଇଛି ଯେ *ଭାରତ ସଂଘ ବନାମ ସିଟ୍ରିକ୍ ଇଣ୍ଡିଆ ଲିମିଟେଡ୍,* (2002) 146 ELT 259 SC ମାମଲାରେ ଏହି ନ୍ୟାୟାଳୟ ନିର୍ଣ୍ଣୟ କରିଛନ୍ତି ଯେ ସମାନ ଅଧିସୂଚନା ଉଦ୍ଦେଶ୍ୟରେ ଉତ୍ପାଦର ଶେଷ ବ୍ୟବହାର ନିଶ୍ଚିତ କରିବାର ପ୍ରଶ୍ନ ଅପ୍ରାସଙ୍ଗିକ । *କ୍ୟାଲିବର କେମିକାଲ୍ସ ବନାମ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଆୟୁକ୍ତ, ସୁରଟ,* (1998) 98 ELT 755 ମାମଲାରେ ନ୍ୟାୟାଧିକରଣଙ୍କ ଏକ ଆଦେଶରୁ ଉତ୍ପନ୍ନ ହୋଇଥିବା ଏକ ଅପିଲରେ, ଦେୱାନୀ ଅପିଲ ସଂଖ୍ୟା 4790 ରେ ତା 8.12.1997 ରିଖରେ ନିଷ୍ପତ୍ତ କରାଯାଇଥିଲା ଯେ ଅବ୍ୟାହତି ଅଧିସୂଚନା ସଂଖ୍ୟା 8/95-CE ପାଇଁ ପୋଟାସିୟମ୍ ଆୟୋଡେଟ୍ ପାଇଁ ଏକ ଶେଷ ବ୍ୟବହାର ପ୍ରମାଣପତ୍ର ଆବଶ୍ୟକ ନୁହେଁ ଯାହା ଦ୍ୱାରା ଅଧିସୂଚନା ଅନୁସାରେ ଏହାକୁ ବହୁଳ ପରିମାଣର ଔଷଧ ଭାବରେ ଶୁଳ୍କରୁ ମୁକ୍ତ କରାଯାଇପାରିବ ଏବଂ ଆୟୋଡାଇଜ୍ ହୋଇଥିବା ଲୁଣ ଉତ୍ପାଦନରେ ପୋଟାସିୟମ୍ ଆୟୋଡେଟ୍ ବ୍ୟବହୃତ ହୋଇଥିଲା ଏବଂ ଏଥିରେ କୌଣସି ବିବାଦ ନଥିଲା ଯେ ପୋଟାସିୟମ୍ ଆୟୋଡେଟ୍ ଆରୋଗ୍ୟକର ଗୁଣ ରହିଛି ।

ଏହି ସମସ୍ତ ନିଷ୍ପତ୍ତି କେବଳ ନ୍ୟାୟାଳୟଙ୍କ ସମ୍ମୁଖରେ ପ୍ରକାଶିତ ଅଧିସୂଚନା ଆଧାରରେ କାର୍ଯ୍ୟକାରୀ ହୁଏ । ଏହି ମାମଲାଗୁଡ଼ିକ ମଧ୍ୟରୁ କୌଣସିଟିର ରାୟରୁ ଏହା ସ୍ପଷ୍ଟ ହୋଇନାହିଁ ଯେ ତା 1.3.1988 ରିଖର ଅଧିସୂଚନା ସଂଖ୍ୟା 31/88-CE ରେ ଉଲ୍ଲେଖ କରାଯାଇଥିବା ପରି କୌଣସି ପଦାବଳୀ ବ୍ୟବହୃତ ହୋଇଛି କି ନାହିଁ କିମ୍ବା ନ୍ୟାୟାଳୟର ଧ୍ୟାନ ସେହି ଦିଗରେ ନିଆଯାଇଥିଲା କି ନାହିଁ ।

ବର୍ତ୍ତମାନର ମାମଲାରେ, ଆମକୁ ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଆଦେଶ, 1987 ର ପ୍ରଥମ ଅନୁସୂଚୀ ଅଧୀନରେ ନିର୍ଦ୍ଦିଷ୍ଟ *"ବହୁଳ ପରିମାଣର ଔଷଧ"* ପଦାବଳୀ ଉପରେ ବିଚାର କରିବାକୁ ପଡିବ । ତା 1.3.1988 ରିଖର ଅଧିସୂଚନା ସଂଖ୍ୟା 31/88-CE ରେ ଥିବା ସାରଣୀ ପରେ ସ୍ପଷ୍ଟୀକରଣରେ ଏହା ସ୍ପଷ୍ଟ ଭାବରେ ଦର୍ଶାଯାଇଛି ଯେ ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଆଦେଶ, 1987 ରେ *"ବହୁଳ ପରିମାଣର ଔଷଧ"* ପଦାବଳୀର ସମାନ ଅର୍ଥ ରହିବ । ଏହା ସ୍ପଷ୍ଟ ଯେ ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଆଦେଶ, 1987 ଅନୁଯାୟୀ ପଦାର୍ଥକୁ ଯେକୌଣସି ଫର୍ମୁଲେସନରେ ଏକ ଉପାଦାନ ଭାବରେ ବ୍ୟବହାର କରାଯିବା ଆବଶ୍ୟକ । ଏହା ସହିତ, "*ଫର୍ମୁଲେସନ*" ପଦାବଳୀକୁ ନିମ୍ନଲିଖିତ ଶବ୍ଦଗୁଡ଼ିକରେ ମଧ୍ୟ ପରିଭାଷିତ କରାଯାଇଛି" -

"ଏକ ଔଷଧ ଯାହା ଏକ କିମ୍ବା ଅଧିକ ପରିମାଣର ଔଷଧ କିମ୍ବା ଔଷଧ ସହିତ କିମ୍ବା କୌଣସି ଔଷଧ ସହାୟକ ବ୍ୟବହାର ସହିତ କିମ୍ବା ବିନା, କିମ୍ବା ଆଭ୍ୟନ୍ତରୀଣ କିମ୍ବା ବାହ୍ୟ ବ୍ୟବହାର ପାଇଁ ପ୍ରକ୍ରିୟାକୃତ କିମ୍ବା ଧାରଣ କରୁଥିବା ଏକ ଔଷଧ ......"

ତେଣୁ, *"ଫର୍ମୁଲେସନ"* ପଦାବଳୀ କେବଳ ଏକ ଔଷଧକୁ ବୁଝାଏ ଯାହା ବହୁ ପରିମାଣର ଔଷଧରୁ ପ୍ରକ୍ରିୟାକରଣ କରାଯାଏ ।

ତେଣୁ, ଯେତେବେଳେ ଟୁଥପେଷ୍ଟ, ପାଉଡର ଏବଂ ଶେଭିଂ କ୍ରିମ ଉତ୍ପାଦନରେ ଅପିଲକାରୀ ଦ୍ୱାରା ବ୍ୟବହୃତ ଉପାଦାନ, ଯଥା ମେନ୍ଥଲ ଆଇ.ପି., କୌଣସି ଫର୍ମୁଲେସନର ବ୍ୟବହାରରେ ନାହିଁ ଯାହା ଏକ କିମ୍ବା ଅଧିକ ପରିମାଣର ଔଷଧରୁ ପ୍ରକ୍ରିୟାକୃତ କିମ୍ବା ଧାରଣ କରିଥିବା ଔଷଧ, ନ୍ୟାୟାଧିକରଣ ଦ୍ୱାରା ନିଆଯାଇଥିବା ମତକୁ ଆପତ୍ତି କରାଯାଇପାରିବ ନାହିଁ ।

ତେବେ, ଜୋରିମାନା ଆଦାୟ ଉଦ୍ଦେଶ୍ୟରେ ଧାରା 11ର ପ୍ରୟୋଗ ସମ୍ବନ୍ଧରେ, ଆମେ ଏହି ତଥ୍ୟ ଉପରେ ଧ୍ୟାନ ଦେବା ଉଚିତ ଯେ ନ୍ୟାୟାଧିକରଣ ଏବଂ ବମ୍ବେ ଉଚ୍ଚ ନ୍ୟାୟାଳୟ ଉଭୟଙ୍କ ଦ୍ୱାରା *ସିଟ୍ରିକ୍ ଇଣ୍ଡିଆ ଲିମିଟେଡ୍ ବନାମ ଭାରତ ସଂଘ* (1993) 66 ELT 566 (Bom.) ମାମଲାରେ ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ମତ ବ୍ୟକ୍ତ କରାଯାଇଛି, ଏବଂ ଏହି ନ୍ୟାୟାଧିକରଣଙ୍କ ଦ୍ୱାରା ମଧ୍ୟ ଉଲ୍ଲେଖିତ ନିଷ୍ପତ୍ତି ମଧ୍ୟରୁ ଗୋଟିଏରେ ଏହା ସ୍ପଷ୍ଟ ହୋଇନାହିଁ ଯେ ଏହି ପ୍ରସଙ୍ଗରେ ଆଇନ ସମ୍ପୂର୍ଣ୍ଣ ସ୍ପଷ୍ଟ କି ନୁହେଁ ଏବଂ କର୍ତ୍ତୃପକ୍ଷଙ୍କୁ ମଧ୍ୟ ସମୟ ସମୟରେ ସ୍ପଷ୍ଟୀକରଣ ଜାରି କରିବାକୁ ପଡ଼ିଥିଲା । ଏହି ପରିସ୍ଥିତିରେ, ଆମେ ଭାବୁଛୁ ଯେ, ଧାରା 11-A ର ପ୍ରୟୋଗ ଆବଶ୍ୟକ ନୁହେଁ ଏବଂ ବର୍ତ୍ତମାନ ମାମଲାରେ ଜୋରିମାନା ଆଦାୟ କରିବା ଉପଯୁକ୍ତ ହେବ ନାହିଁ ଏବଂ ବର୍ଦ୍ଧିତ ସମୟସୀମା ପ୍ରୟୋଗ ଯଥାର୍ଥ ନୁହେଁ । ନ୍ୟାୟାଧିକରଣଙ୍କ ଆଦେଶକୁ ଏହି ପରିମାଣରେ ସଂଶୋଧନ କରାଯାଇଛି । ଅନ୍ୟ ପ୍ରସଙ୍ଗରେ ନ୍ୟାୟାଧିକରଣଙ୍କ ଆଦେଶ ବଜାୟ ରହିଛି ।

ତଦନୁସାରେ, ଅପିଲକୁ ଆଂଶିକ ଭାବରେ ମଞ୍ଜୁରୀ ଦିଆଯାଇଛି ।

ଆର୍.ପି. ଅପିଲକୁ ଆଂଶିକ ଭାବେ ମଞ୍ଜୁରୀ ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*
ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।